ଏପିସୋଡ ୧୭

# ଜୀବଜଗତର ବିସ୍ଥାପନ

ମୂଳ ରଚନା: ଆର୍. ଏସ୍. ଯାଦବ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ରାମ ଯମୁରା (୧୨ ବର୍ଷ)

ମହେଶ ମଦାରୀ (ଯାଦୁଗର) (୩୫ ବର୍ଷ)

ନରେଶ ଗବେଷଣା ଛାତ୍ର

କୃଷ୍ଣ ପରିବେଶ ବିଜ୍ଞାନର ପ୍ରଫେସର

ନେହା ଗବେଷକ

(ସହରର ରାସ୍ତା, ବସ୍, କାର୍ ଗାଡ଼ିମଟର ଶବ୍ଦ, ଜଣେ ଯାଦୁଗର ରାସ୍ତା କଡ଼ରେ ତା ଖେଳ ଦେଖାଇବାକୁ ପ୍ରସ୍ତୁତ ହେଉଛି। ଡମ୍ବରୁ, ଢୋଲ ବାଜୁଛି)

ମହେଶ: ମେହରବାନ, କଦରଦାନ, ଶୁଣନ୍ତୁ, ଶୁଣନ୍ତୁ...

ରାମ: ଉସ୍ତାଦ, ଆଜି ତମ ମନରେ କ'ଣ ଚାଲିଛି? ତମ ସ୍ୱର କହୁଛି, କିଛି ନୂଆ ହେବ ଆଜି।

ମହେଶ: ଆରେ ଜମୁରେ, ଗୋଟିଏ ସତ୍ୟ ଗୋଟିଏ ରହସ୍ୟ ଯାହା କହିବା କଷ୍ଟକର।

ରାମ: ରହସ୍ୟ... କ'ଣ ସେ ରହସ୍ୟ? ପ୍ରଥମ ଥର ପାଇଁ ଶୁଣୁଛି। ତମ ମନରେ ବି କିଛି ରହସ୍ୟ ଲୁଚି ରହିଛି। ତମ ମନରେ ତ କୌଣସି କଥା ଲୁଚି ରହେନି। ତମ ମନ ତ ଖୋଲା ବହି ଭଳି।

ମହେଶ: ଆରେ ଜମୁରେ, ଆଜି କ'ଣ ବଡ଼ ପିଲା ଭଳି ଲାଗୁଛୁ। ବଡ଼ ବୁଦ୍ଧିମାନର ପ୍ରଶ୍ନ କରୁଛୁ।

ରାମ: (ହସି ହସି) ନାଇଁ ଉସ୍ତାଦ, ସେମିତି କିଛି ନୁହେଁ। ମୁଁ ତ ସବୁକିଛି ତମଠାରୁ ହିଁ ଶିଖିଛି। ଏ ମୋର ନୁହେଁ, ତମ ମସ୍ତିଷ୍କ କାମ କରୁଛି।

ମହେଶ: ମେହରବାନ, କଦରଦାନ। ଶୁଣ ଶୁଣ। ଏ ଜମୁରା କ'ଣ କହୁଛି। ନିଜ ବୟସ ତୁଳନାରେ ବହୁତ ବେଶୀ ବୁଦ୍ଧିମାନ ଲାଗୁଛି। ଏବେ ତ ଏହାର ଦୁଧଦାନ୍ତ ବି ଭାଙ୍ଗିନି, କିନ୍ତୁ ଗୋଟିଏ ବୁଢ଼ା ଭଳି କଥା କହୁଛି।

ରାମ: (ହସି ହସି) ଉସ୍ତାଦ, ପ୍ରଶଂସା ପାଇଁ ଧନ୍ୟବାଦ। କିନ୍ତୁ ଆଜି ତୁମ ଯାଦୁ ପେଟିରେ କ'ଣ ଅଛି? କ'ଣ ବଡ଼ ରହସ୍ୟ ଆଣିଛ?

ମହେଶ: ଜମୁରେ, ଟିକେ ଅପେକ୍ଷା କର। ଅଳ୍ପ ସମୟ ଭିତରେ ସବୁକିଛି ତୋ ସାମନାରେ ହେବ। ମୁଁ ମୋ ରହସ୍ୟକୁ ଅଧିକ ସମୟ ପାଇଁ ପେଟି ଭିତରେ ରଖିପାରିବି ନାହିଁ। ଟିକେ ସମୟରେ ସବୁ କିଛି ଜଣା ପଡ଼ିବ।

ରାମ: ଆଚ୍ଛା, ମୋ ମନରେ ବି ଗୋଟିଏ ରହସ୍ୟ ଅଛି। ଯାଦୁ ପେଟି...

ମହେଶ: (ହସି ହସି) ଟ୍ରିକ୍... ମାନେ ଯାଦୁ... ତା ପୁଣି ତୁ... ବହୁତ ଭଲ କଥା। ସବୁ ଦର୍ଶକ ତୋ ଯାଦୁ ଦେଖିବାକୁ ଚାହିଁବେ। ଆଚ୍ଛା ଆଗ କିଏ... ମୁଁ ନା ତୁ?

ରାମ: ଉସ୍ତାଦ, ଏ ନିର୍ଣ୍ଣୟ ଆମେ କରିପାରିବା ନାହିଁ। ଏ ନିର୍ଣ୍ଣୟ ଆମେ ଦର୍ଶକଙ୍କ ଉପରେ ଛାଡ଼ିଦେବା। ସେ ଭଦ୍ରଲୋକଙ୍କୁ ଦେଖ। ପଢ଼ାଲେଖା ଶିକ୍ଷିତ ଏବଂ ମନେହେଉଛି କେଉଁଠି ପଢ଼ାଉଛନ୍ତି, ତମ ଭଳି (ହସି ହସି)

(ଭିଡ଼ର ସ୍ୱର ପ୍ରଥମେ ଜମୁରା)

ମହେଶ: ବହୁତ ଭଲ କଥା। ଜନତା ସବୁଠାରୁ ଉପରେ। ଠିକ ଅଛି। ଆରେ ଉସ୍ତାଦ ତତେ ସ୍ୱାଗତ କରୁଛି। ଏ ଜାଗାକୁ ଆସି ଯା। ତୁ ବହୁତ ସମୟ ଧରି ଏଇ

ଆସନର ଅପେକ୍ଷାରେ ଥିଲୁ।

(ଡମ୍ବରୁ ବାଜିବା)

ରାମ: (ହସି ହସି) ଏବେ ଠିକ ବାଟକୁ ଆସିଛନ୍ତି। ବୁଝିପାରିଲେ... ମୁଁ କ'ଣ କହୁଛି। ଆଜି ତମକୁ ଜମୁରାର ଆଦେଶ ମାନିବାକୁ ହେବ। ସବୁକିଛି ବଦଳାଇ ଦେବି (ହସି ହସି)

ମହେଶ: ଠିକ ଅଛି ମୋ ମାଲିକ। ଜମୁରା ହାଜିର। ମୋ ପାଇଁ କ'ଣ ଆଦେଶ ରହିଛି

(ଢୋଲ ଡମ୍ବରୁ ଶବ୍ଦ)

ରାମ: ମେହରବାନ, କଦରଦାନ। ବହୁତ ଜଲ୍‌ଦି ଆପଣଙ୍କ ସାମନାରେ ଗୋଟିଏ ଅଦ୍ଭୁତ ଯାଦୁ ହେବ। ମନ ଦେଇ ଦେଖନ୍ତୁ।

ମହେଶ: ସ୍ୱାମୀ, ଆମର ଏଇ ଭାଇମାନେ ମନ ଆଉ ବଚନରେ ସତ୍ୟନିଷ୍ଠ । ସେମାନେ ତମ ଯାଦୁ ଅପେକ୍ଷାରେ। ଆପଣଙ୍କ ମନରେ ଆଉ ପେଟିରେ କ 'ଣ ଅଛି? ଜଲ୍‌ଦି କର।

ରାମ: ଅପେକ୍ଷା.... ଟିକିଏ ଅପେକ୍ଷା କର। ଧୈର୍ଯ୍ୟର ଫଳ ମିଠା ହେବ।

ମହେଶ: ହଉ ଆଜ୍ଞା, ମୁଁ ବୁଝିଲି। ମୁଁ ତ ଅପେକ୍ଷା କରିପାରିବି। କିନ୍ତୁ ଲୋକମାନେ କରିବେ ତ?

ରାମ: (ହସି ହସି) ଆଚ୍ଛା ଆଚ୍ଛା ଆଉ ଅପେକ୍ଷା କରିବାକୁ ହେବନାହିଁ। ସମସ୍ତେ ଏପଟକୁ ଧ୍ୟାନ ଦିଅନ୍ତୁ। (ଢୋଲ ଡମ୍ବରୁ ଶବ୍ଦ) ଏ ବ୍ୟାଗ ଖାଲି ଅଛି। ଦେଖନ୍ତୁ... ଦେଖନ୍ତୁ... ଭଲ କରି ଦେଖନ୍ତୁ... ଆପଣମାନଙ୍କ ଭିତରୁ କିଏ ଦେଖିବାକୁ ଚାହିଁବେ। ଆପଣ... ଆପଣ... ଆଗକୁ ଆସନ୍ତୁ।

ମହେଶ: ମୋର ସନ୍ଦେହ ହେଉଛି ଆଜ୍ଞା, ଏହା ଭିତରେ କିଛି ଅଛି। ଦେଖ, ଭର୍ତ୍ତି

ହେଲା ଭଳି ଲାଗୁଛି। ଜନତା ସବୁ କିଛି ଦେଖୁଛି।

(ସମସ୍ତେ ଏକା ସ୍ୱରରେ ହଁ ତା ଭିତରେ କିଛି ଅଛି)

ରାମ: (ହସି ହସି) ଏସବୁ ତ ମୋ ଯାଦୁର ବାହାଦୂରୀ। ଆରମ୍ଭରୁ ମୋ ପାଖରେ ଖାଲି ବ୍ୟାଗ ଥିଲା। ଦେଖ ଦେଖ, ଏ ତ ଫୁଲରେ ଭରିଯାଇଛି। ମୁଁ ସ୍ୱର୍ଗରୁ ଏ ଫୁଲ ସବୁ ଆଣିଛି। ମନ ଭିତରେ ମୁଁ ମନ୍ତ୍ର ପଢ଼ିଲି। ଆଉ ଦେଖ , ସ୍ୱର୍ଗର ପରୀ ଆସି ବ୍ୟାଗରେ ଫୁଲ ରଖିଦେଇ ଗଲେ। ଟିକେ ଶୁଙ୍ଘିଲେ। କି ବଢ଼ିଆ ବାସ୍ନା। ଆସନ୍ତୁ ଆସନ୍ତୁ। ସ୍ୱର୍ଗରୁ ଆସିଥିବା ଏଇ ବାସ୍ନାର ମଜା ନିଅନ୍ତୁ। ଏଭଳି ମଉକା ଜୀବନରେ କେବେ କେମିତି ଆସେ।

(ଚାରି ପଟେ ବୁଲି ଢୋଲ ବଜାଉଛି)

ମହେଶ: ଆଜ୍ଞା! ପବ୍ଲିକ ସବୁ ଜାଣିଛି। ଏକବିଂଶ ଶତାବ୍ଦୀରେ ବଞ୍ଚୁଛି। ସମସ୍ତେ ଶିକ୍ଷିତ ଲୋକ। ଏମାନଙ୍କୁ ବୋକା ବନେଇ ପାରିବନାହିଁ। ସେମାନେ ଏଠିକୁ ଆମ କ୍ରିୟାକଳାପ ଏବଂ କଳା ଦେଖିବାକୁ ଆସିଛନ୍ତି। କିନ୍ତୁ ତମେ ଯାହା କହୁଛ ତା ବି ଠିକ।

ରାମ: (ହସି ହସି) ସତ କେବେ ଲୁଚିରହେନା। କାଗଜ ତିଆରି ଫୁଲରୁ କେବେ ବାସ୍ନା ବାହାରିବନାହିଁ। (ଢୋଲ ଡମ୍ବରୁ ଶବ୍ଦ) ହଜୁର, ଏ ଗୋଟିଏ ବାସ୍ତବତା। ମୁଁ ସେଇଦିନକୁ ଅପେକ୍ଷା କରିଛି ଯେଉଁଦିନ ମତେ ଯାଦୁର ଏଇ କଳାରେ ପାରଙ୍ଗମ କରିଦେବ।

ମହେଶ: ତୁ ତ କହିଲୁ ଯେ ଧୈର୍ଯ୍ୟର ଫଳ ମିଠା ହେବ। ଟିକିଏ ଧୈର୍ଯ୍ୟ ଧର। ସେ ଦିନ ବି ଆସିବ ଯେଉଁଦିନ ତୁ ଏଇ କଳାରେ ପାରଙ୍ଗମ ହୋଇଯିବୁ। କିନ୍ତୁ ଆଜି ତୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଉଠେଇଲୁ। ସ୍ୱର୍ଗର ବାସ୍ନା... ତୁ ତ ଜାଣିଛୁ ଯେ ଆମର ଏଇ ପୃଥିବୀ ମା ଆମକୁ ସବୁକିଛି ଦେଇଛି।

ରାମ: ସ୍ୱର୍ଗ... ତା ପୁଣି ଏଇ ପୃଥିବୀରେ... କି କଥା କହୁଛ ଗୁରୁ। ମତେ ତ କେଉଁଠି ଦେଖାଯାଉ ନାହିଁ।

ମହେଶ: ହଁ ମୁଁ ଯାହା କହୁଛି ତାହା ବାସ୍ତବତା। ଦେଖ ଦେଖ। କେତେ ସୁନ୍ଦର ଆକାଶ... ଥଣ୍ଡା ପବନ... ସବୁଜସୁନ୍ଦର ଗଛଲତା... ଆକାଶରେ ଉଡୁଥିବା ପକ୍ଷୀ ଆଉ ସବୁଠାରୁ ସୁନ୍ଦର ହେଉଛନ୍ତି କେତେ ପ୍ରକାରର ଲୋକ। ଏସବୁ କାହିଁକି ହେଲା। କାହା ପାଇଁ ହେଲା? କିଏ ବନେଇଲା? କେବେ ଚିନ୍ତା କରିଛୁ?

ନରେଶ: (ଦର୍ଶକଙ୍କ ଭିତରୁ) ବହୁତ ବଢ଼ିଆ କହିଲ। ସୁନ୍ଦର ଆକାଶ, ଦିନରେ ସୂର୍ଯ୍ୟ ଆଉ ରାତିରେ ଚିକିମିକି କରୁଥିବା ତାରା, ଗଛଲତା, ଜୀବଜନ୍ତୁଙ୍କ ଏଇ ସୁନ୍ଦର ସଂସାର, କଳକଳ ବୋହି ଯାଉଥିବା ପାଣି, ଏସବୁ ଆମର ଏଇ ସୁନ୍ଦର ସଂସାରକୁ ପରିଭାଷିତ କରିବା ପାଇଁ ଯଥେଷ୍ଟ। କିନ୍ତୁ...

ମହେଶ: ଏହି ଯୁବକଙ୍କ ପାଇଁ ତାଳି... (ତାଳି ଶବ୍ଦ)

ମହେଶ: ଆପଣଙ୍କ ନାଁ କ'ଣ?

ରାମ: ଗୁରୁ, ଏ ଜଣେ ପାଠ ପଢୁଆ ଶିକ୍ଷିତ ଯୁବକ। ମୁଁ ହେଲେ ଏ ସବୁ ପଢ଼ିପାରିଥାନ୍ତି!

ମହାଶ: ଜମୁରେ, ମନଦୁଃଖ କରେନି। ଦିନ ଆସିବ ତୁ ବହୁତ ବଡ଼ କଳାକାର ହୋଇପାରିବୁ।

ନରେଶ: ହଁ ରାମ, ତମ ଗୁରୁ ଠିକ କହିଛନ୍ତି। ଶିକ୍ଷାର ପରିସର ବହୁତ ବ୍ୟାପକ। ସମାଜକୁ ସଠିକ ସନ୍ଦେଶ ଦେଇ ତମେ ବହୁତ ବଡ଼ କାମ କରୁଛ।

ମହେଶ: ହଁ ବାବୁ, ଆମ ଯାଦୁ ଖେଳର କିଛି ଅଂଶ ଏଇ ଭଳି ସନ୍ଦେଶ ଉପରେ ଆଧାରିତ ହୋଇଥାଏ। ଆମେ ସବୁବେଳେ ଚେଷ୍ଟା କରୁ ଯେ ସମାଜକୁ ଯେମିତି ଠିକ ସନ୍ଦେଶ ପହଞ୍ଚିବ।

ରାମ: ଗୁରୁ, କ'ଣ ହେଉଛି/

ନରେଶ: ତମର ଏଇ ଛୋଟ କଳାକାର ବହୁତ ଚାଲାକ ଅଛି। ଦିନେ ଏ ନିଶ୍ଚୟ ବହୁତ ବଡ଼ କଳାକାର ହେବ।

ମହେଶ: ମେହରବାନ... କଦରଦାନ,, ରାମ ତ ସ୍ୱର୍ଗରୁ ସୁଗନ୍ଧ ନେଇ ଆସିଲା। (ହସି ହସି) ଆଉ କ'ଣ ଦେଖିବାକୁ ଚାହିଁବେ... ସ୍ୱର୍ଗର ପକ୍ଷୀ... ନା ଜନ୍ତୁ... ନା ଅନ୍ୟ ଗ୍ରହର ମଣିଷ ଏଲିଏନ୍...

(ତାଳି, ସମସ୍ତେ ଏକା ସ୍ୱରରେ ଏଲିଏନ୍)

ରାମ: ନାଇ ଗୁରୁ, ଏଲିଏନ ନୁହେଁ। ମତେ ଡର ଲାଗେ। କିଛି ଓଲଟାସିଧା ହୋଇଯିବ।

ମହେଶ: ଜମୁରା, ଭୟ କରେନାହିଁ। ଏ ସମସ୍ତେ ତତେ ରକ୍ଷା କରିବା ପାଇଁ ପ୍ରସ୍ତୁତ। ଏ ଏଲିଏନ କୌଣସି ଅନ୍ୟ ଗ୍ରହରୁ ଆସିନାହିଁ। ଏ ସେଇ ଅଦ୍ଭୁତ ଜୀବ ଯାହା ଆମ ଏଇ ପୃଥିବୀରେ ହିଁ ଦେଖାଯାଏ। (ଢୋଲ ଶବ୍ଦ)

ମହେଶ: ଆବରା... କା ଡବ୍ରା.... ଛୁମନ୍ତର... ସିମ୍... ସିମ୍... ଆ... ଆପଣମାନେ ଗୋଟିଏ ମୁହୂର୍ତ୍ତ ପାଇଁ ଆଖି ବନ୍ଦ କରନ୍ତୁ। ଦେଖ ଦେଖ... କେତେ ସୁନ୍ଦର ଆଉ ଅଦ୍ଭୁତ ଜୀବ... ନୂଆ ଦୁନିଆର ନୂଆ ଜୀବ...ଏଇ ଏଲିଏନ ଦକ୍ଷିଣମେରୁ ଅଞ୍ଚଳରୁ ଚାଲି ଚାଲି ଆସିଛି। ଆପଣମାନେ ଆଗରୁ କେବେ ଏତେ ସୁନ୍ଦର ରଙ୍ଗବେରଙ୍ଗ କଇଁଛ ଦେଖିଥିଲେ.... କେବେ ବି ନୁହେଁ... କ'ଣ ଏହାର କାରଣ କୋଉଥିପାଇଁ ଏ ତା'ର ଘର ଛାଡ଼ି ଆସିଛି। ଆପଣମାନେ ଭାବି ପାରୁଛନ୍ତି?

ରାମ: ଗୁରୁ, ମୁଁ ତ ଆଗରୁ କେବେ ବି ଏଭଳି ଜୀବ ଦେଖି ନ ଥିଲି। ବୋଧେ ରାସ୍ତା ଭୁଲି ଯାଇଥିବ। ବିଚରା... ନିଜ ପରିବାରଠାରୁ ଅଲଗା ହୋଇଗଲା।

ମହେଶ: ହଁ ଜମୁରା... ଘର ଯାହା ହେଲେ ବି ଘର। ଏହାର ଅନ୍ୟ ସାଙ୍ଗମାନେ ବି

ତା ସହ ଅଛନ୍ତି

ରାମ: ଗୁରୁ, ମତେ ତ କିଛି ବି ଦେଖାଯାଉନାହିଁ।

ମହେଶ: ଅପେକ୍ଷା... ଜମୁରେ... ଅପେକ୍ଷା...

(ଢୋଲ ଡମ୍ବରୁ ବାଜୁଛି, ମହେଶର ସ୍ୱର ଆବରା କା ଡବରା.... ପକ୍ଷୀଙ୍କ ସ୍ୱର...)

ଏକ ସ୍ୱରରେ: ହେ ଭଗବାନ... ଏ କ'ଣ? ଆମେ ତ ଆଗରୁ ଏଭଳି ପକ୍ଷୀ ଦେଖି୍ ନ ଥି୍ଲୁ...

ନରେଶ: ଏ ଜୀବ ଆଉ ପକ୍ଷୀ ଗରମ ଅଞ୍ଚଳରେ ଦେଖାଯାଆନ୍ତି ନାହିଁ। କିନ୍ତୁ ବିଶ୍ୱ ଉଷ୍ମାୟନ ଆଉ ଜଳବାୟୁ ପରିବର୍ତ୍ତନ କାରଣରୁ ଏମାନେ ନିଜ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏଇ ଯୋଉ ପକ୍ଷୀ ଦେଖୁଛନ୍ତି ଏମାନେ ପ୍ରଶାନ୍ତ ମହାସାଗରର କିଛି ଦ୍ୱୀପରେ ଦେଖାଯାଆନ୍ତି। କିନ୍ତୁ ଜଳବାୟୁ ପରିବର୍ତ୍ତନ ଆଉ ଖାଦ୍ୟ ଅଭାବ ଯୋଗୁ ସେମାନଙ୍କୁ ନିଜ ଅଞ୍ଚଳ ଛାଡ଼ିବାକୁ ହେଉଛି।

ରାମ: ବହୁତ ବଢ଼ିଆ ସୂଚନା। ମନେହେଉଛି ସର୍ବଜାନ୍ତା (ହସୁଛି)

ମହେଶ: ହଁ ଜମୁରେ। ମୁଁ କେବଳ କଳ୍ପନା କରିପାରେ, କିନ୍ତୁ ଏ ତ ସବୁ ଜାଣିଛି। ମନେହେଉଛି ଜଣେ ବୈଜ୍ଞାନିକ। ମୁଁ ଠିକ କହିଲି ନା ବାବୁ?

ନରେଶ: ହଁ ମହେଶ, ତମେ ଠିକ କହିଲ। ଏଠିକା ଗୋଟିଏ କଲେଜରେ ମୁଁ ଗବେଷଣା କରୁଛି।

ମହେଶ: ବାବୁମାନେ, ମୁଁ ଆପଣଙ୍କୁ କହିପାରିବି ନାହିଁ ଯେ ଏ ଜୀବମାନଙ୍କୁ ନିଜ ଘର କାହିଁକି ଛାଡ଼ିବାକୁ ପଡୁଛି। ତିରିଶ ବର୍ଷ ଆଗରୁ ଏଇ ଜୀବମାନେ ଏଠି ଦେଖାଯାଉ ନ ଥି୍ଲେ। କିନ୍ତୁ ଏବେ ଏମାନେ ଏଠି ସେଠି ଦେଖାଯାଉଛନ୍ତି।

ନରେଶ: ମହେଶ, କାରଣ ଜରୁରୀ ନୁହେଁ। ଜରୁରୀ ହେଉଛି ଏମିତି କାହିଁକି ହେଉଛି।

ଆପଣ ଲକ୍ଷ୍ୟ କରିଥିବେ ଅନେକ ଗଛଲତା , ଜୀବଜନ୍ତୁ ଯେଉଁମାନେ ଆମ ଅଞ୍ଚଳରେ ବହୁତ ଦେଖାଯାଉଥିଲେ, ଏବେ ବହୁତ ବିରଳ ହୋଇଗଲେଣି।

ରାମ: (ଦୁଃଖୀ ସ୍ୱରରେ) ଲୋପ ପାଇଗଲେଣି। କୁଆଡ଼େ ଗଲେ… ଏଠୁ ଲୋପ ପାଇଯିବାର କାରଣ କ'ଣ?

ମହେଶ: ଜମୁରେ, ଆମ ଯାଦୁଘଡ଼ି ଭଳି ଏହାର କାରଣ ବି ବୈଜ୍ଞାନିକ ବାବୁ ଜାଣିଛନ୍ତି।

ନରେଶ: ମହେଶ… ଏବେ ଏହା ଆଉ ରହସ୍ୟ ହୋଇ ରହିନାହିଁ। ବୈଜ୍ଞାନିକ ଏହାର କାରଣ ଜାଣିସାରିଲେଣି।

ରାମ: ବାବୁ, ଆପଣ ଯଦି ଆମକୁ କୁହନ୍ତେ ଆମେ ଖୁସି ହୁଅନ୍ତୁ।

ମହେଶ: ହଁ ବୈଜ୍ଞାନିକ ବାବୁ, ଆମେ ସମସ୍ତେ ଜାଣିବା ପାଇଁ ଆଗ୍ରହୀ।

ନରେଶ: ବନ୍ଧୁଗଣ, ଏହା ଏକ ଗମ୍ଭୀର ବିଷୟ। ଆପଣମାନେ ଜାଣି ଖୁସି ହେବେ ଯେ ଆମ କଲେଜରେ ଏ ବିଷୟରେ ଗୋଟିଏ ଖୋଲା ଆଲୋଚନାର ଆୟୋଜନ କରାଯାଉଛି।

ରାମ: ଏଥିରେ ଆମ ବି କ'ଣ ଆସିପାରିବୁ?

ନରେଶ: ଏଥିରେ ସମସ୍ତେ ବି ଆସିପାରିବେ । ଆଲୋଚନାରେ ଭାଗ ନେଇ ପାରିବେ। ନିଜର ଅନୁଭୂତି ବାଣ୍ଟି ପାରିବେ। ଏହି ପରିବର୍ତ୍ତନକୁ ଜାଣିବା ପାଇଁ ଏହା ହିଁ ସବୁଠାରୁ ଭଲ ହେବ।

ସମସ୍ତେ ଏକା ସ୍ୱରରେ: ଆମେ ସମସ୍ତେ ଏଥିରେ ଭାଗ ନେବୁ।

(ଦୃଶ୍ୟ ପରିବର୍ତ୍ତନ, ସକାଳ ସମୟ, କଲେଜରେ ପିଲାମାନେ ଯିବାଆସିବା କରୁଛନ୍ତି। ନେହା ଆଉ ନରେଶ ଗବେଷଣାଗାରରେ କାମ କରୁଛନ୍ତି)

କୃଷ୍ଣ: (ଭିତରକୁ ଆସି) ନମସ୍କାର। ଗବେଷଣା କାମ କେତେ ବାଟ ଗଲା? ଗତ ମାସର ପ୍ରକଳ୍ପ କେତେ ବାଟ ହେଲା?

ନେହା:ସାର୍, ସବୁ କିଛି ଯୋଜନା ଅନୁସାରେ ଚାଲିଛି। ତଥ୍ୟ ଏକାଠି ହୋଇଗଲାଣି। ଗଛଲତା ଆଉ ଜୀବଜନ୍ତୁଙ୍କ ଉପରେ ବିଶ୍ୱ ଉଷ୍ମାୟନର କି ପ୍ରଭାବ ପଡୁଛି ସେ ବିଷୟରେ କିଛି ନିର୍ଣ୍ଣୟରେ ପହଞ୍ଚିବା ବାକି ଅଛି।

ନରେଶ: ତଥ୍ୟ ଅନୁଶୀଳନ କରି ଆମେ କହିପାରିବୁ ଯେ କେଉଁ ପ୍ରକାର ପରିବେଶ ଉପରେ ସବୁଠାରୁ ଖରାପ ପ୍ରଭାବ ପଡୁଛି। ଯଦି ବର୍ତ୍ତମାନର ପରିସ୍ଥିତି ଆସନ୍ତା ୫୦ ବର୍ଷ ଯାଏଁ ଏମିତି ରହିବ ତେବେ ଆସନ୍ତା ଶତାବ୍ଦୀରେ ପୂରା ପରିସ୍ଥିତିକି ବଦଳିଯିବ।

ନେହା:ସାର୍, ଗବେଷଣାଗାରରେ ଆମେ ବାସ୍ତବ ପରିସ୍ଥିତିକୀ ପ୍ରଣାଳୀକୁ ଧ୍ୟାନରେ ରଖି କାମ କରୁଛୁ। କିନ୍ତୁ ଆମ ନେତା ଆଉ ନୀତି ନିର୍ଦ୍ଧାରକ କ'ଣ ଚିନ୍ତା କରୁଛନ୍ତି, ଆଉ କରୁଛନ୍ତି ସେ ପୂରା ଅଲଗା। ଭବିଷ୍ୟତରେ ଆଗାମୀ ପିଢ଼ି ଉପରେ ଏହାର କି ପ୍ରକାର ପ୍ରଭାବ ପଡ଼ିପାରେ ତା ଉପରେ କେହି ବି ଧ୍ୟାନ ଦେଉ ନାହାନ୍ତି।

କୃଷ୍ଣ: ନେହା, ତମେ ଠିକ କହିଛ। ଏହା ଆମ ସମସ୍ୟା। ଆମେ ହିଁ ଏହାକୁ ସୃଷ୍ଟି କରିଛୁ। ସେଥିପାଇଁ ସମାଧାନ ବି ଆମକୁ ହିଁ ଖୋଜିବାକୁ ହେବ। ଯଦି ଆମେ ଅସଫଳ ହେବା ତେବେ ପ୍ରକୃତି ନିଜେ ତା'ର ସମାଧାନ ଖୋଜିନେବ।

ନରେଶ: ଯେଉଁମାନଙ୍କୁ ବ୍ୟାବହାରିକ ଜ୍ଞାନ ନାହିଁ ସେମାନେ ହିଁ ନୀତି ନିର୍ଦ୍ଧାରଣ କରୁଛନ୍ତି। ଅନ୍ୟ ଗବେଷଣାର ଫଳାଫଳ ଭଳି ଆମର ଗବେଷଣାର ଫଳାଫଳ ବି କ'ଣ ଆଲମାରୀରେ ବନ୍ଦ ହୋଇ ରହିଯିବ?

ନେହା:ନରେଶ, ତମେ କିଛି ରିପୋର୍ଟ ବିଷୟରେ କଥା ହେବାକୁ ଚାହୁଁଥିଲ।

କୃଷ୍ଣ: ଭାବୁଛି ନରେଶର ଚିନ୍ତା ଆସନ୍ତା ଖୋଲା ଆଲୋଚନା ଦିଗରେ ରହିଛି। ଏ

ବିଷୟରେ ସମସ୍ତଙ୍କୁ କୁହାଯାଇଛି।

ନେହା:ସାର୍, ଆପଣ ଜାଣି ଖୁସିହେବେ ଯେ ନରେଶ କିଛି କଳାକାର ଏବଂ ଯାଦୁକରଙ୍କୁ ବି ଏଥିପାଇଁ ଆମନ୍ତ୍ରିତ କରିଛନ୍ତି।

କୃଷ୍ଣ: ବହୁତ ବଢ଼ିଆ।

ନରେଶ: ସାର୍, ସକାଳ ୧୧ଟା ସୁଦ୍ଧା ସବୁ ପ୍ରସ୍ତୁତି ହୋଇଯିବ।

କୃଷ୍ଣ: ମତେ ଗୋଟିଏ ମିଟିଂକୁ ଯିବାକୁ ହେବ। ତମ ଗବେଷଣା ବିଷୟରେ ଏ ମିଟିଂ। ଆଚ୍ଛା ଏବେ ମୁଁ ଆସୁଛି।

ନେହା/ନରେଶ:ନମସ୍କାର ସାର୍।

(ଦୃଶ୍ୟ ପରିବର୍ତ୍ତନ, ସକାଳ ସମୟ, ପକ୍ଷୀଙ୍କ ରାବ ଶବ୍ଦ, ସାଧାରଣ ଲୋକଙ୍କ ସ୍ୱର, ମାଇକ ଶବ୍ଦ)

ନେହା:ନମସ୍କାର। ଆପଣମାନଙ୍କୁ ସ୍ୱାଗତ। ଆପଣ ହେଉଛନ୍ତି ମହେଶ ଆଉ ଏ ଛୋଟ କଳାକାର ଜମୁରା ମାନେ ରାମ।

ମହେଶ: ନମସ୍କାର ମ୍ୟାଡାମ। ଆପଣ ଠିକ ଚିହ୍ନିଛନ୍ତି। ଆମେ ଠିକ ସମୟରେ ଆସିଛୁ।

ନେହା:(ହସି ହସି) ମହେଶ, ତମ ଯାଦୁ ତ ସବୁ ଜାଗାରେ କାମ କରେ। ଘଣ୍ଟାର କଣ୍ଟା ବି ନିୟନ୍ତ୍ରିତ ହେଉଛି। ରାମ, କେମିତି ଅଛ? ନରେଶ କହୁଥିଲେ ତମେ ଜଣେ ବୈଜ୍ଞାନିକ ହେବାକୁ ଚାହୁଁଛ। କିଛି ବ୍ୟସ୍ତ ନାହିଁ। ଜଣେ ଭଲ କଳାକାର ବି ବୈଜ୍ଞାନିକଠୁ କିଛି କମ୍ ନୁହେଁ। ତମ କଳା ଆଉ ଯାଦୁ, ଲୋକଙ୍କୁ କିଛି ନୂଆ କରିବା ପାଇଁ ପ୍ରେରଣା ଦିଏ।

ରାମ: ମ୍ୟାଡାମ, ମୁଁ ମୋ କାମରେ ଖୁସି ଅଛି। ଦିନେ ନିଶ୍ଚୟ ମୁଁ ଜଣେ ବହୁତ ବଡ଼

ଯାଦୁଗର ହେବି ଏଥିରେ କୌଣସି ସନ୍ଦେହ ନାହିଁ।

ନରେଶ: ଆରେ ବାଃ କେତେ ଆତ୍ମବିଶ୍ୱାସ !! ତମେ ନିଶ୍ଚୟ ଜଣେ ବଡ଼ ଯାଦୁଗର ହେବ। ଆସନ୍ତା କିଛି ସମୟ ଭିତରେ ଆମର କାର୍ଯ୍ୟକ୍ରମ ଆରମ୍ଭ ହେବ। ଆପଣମାନେ ନିଜ ନିଜ ଜାଗାରେ ବସିଯାଆନ୍ତୁ।

ନରେଶ: (ମାଇକରେ) ହ୍ୟାଲୋ... ହ୍ୟାଲୋ... ମୋ କଥା ଶୁଣାଯାଉଛି। ଆଜିର ବିଷୟ ବିଷୟରେ ତ ଆପଣଙ୍କୁ ଜଣା ଅଛି। ଏହି ଖୋଲା ଆଲୋଚନାରେ ବିଶ୍ୱ ଉଷ୍ମାୟନ, ଜଳବାୟୁ ପରିବର୍ତ୍ତନ, ଜୀବଜନ୍ତୁ ଆଉ ଗଛଲତାଙ୍କ ସ୍ଥାନ ପରିବର୍ତ୍ତନ ଆଦି ବିଷୟରେ ଆଲୋଚନା ହେବ।

(ଅତିଥିଙ୍କ ଆସିବା)

ନେହା:ନମସ୍କାର। ଆପଣମାନଙ୍କୁ ସ୍ୱାଗତ। ମୁଁ ପ୍ରଫେସର କୃଷ୍ଣଙ୍କୁ ଆମନ୍ତ୍ରିତ କରୁଛି, ସେ ଜଣେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ । ଅନେକ ଜାତୀୟ ଆନ୍ତର୍ଜାତୀୟ ପୁରସ୍କାର ସେ ପାଇଛନ୍ତି। ସେ ଭାରତୀୟ ବିଜ୍ଞାନ ଏକାଡେମୀର ବି ସଦସ୍ୟ ଅଛନ୍ତି। ପ୍ରଫେସର କୃଷ୍ଣଙ୍କୁ ମୁଁ ତାଙ୍କ ବକ୍ତବ୍ୟ ରଖିବା ପାଇଁ ଆମନ୍ତ୍ରଣ କରୁଛି।

କୃଷ୍ଣ: ମୋର ଏତେ ସୁନ୍ଦର ପରିଚୟ ପାଇଁ ତମକୁ ଧନ୍ୟବାଦ। ଏଠିକା ଆୟୋଜନ ପାଇଁ ମୁଁ ନରେଶଙ୍କୁ ବି ଧନ୍ୟବାଦ ଦେଉଛି। ଆମର ପ୍ରିନ୍‌ସିପାଲ ଏବଂ ଛାତ୍ର କଲ୍ୟାଣ ସଂସଦର ଅଧ୍ୟକ୍ଷ ବି ଏଠାରେ ଅଛନ୍ତି। ସେମାନଙ୍କ ପାଖରେ ଆମେ ସମସ୍ତେ ଋଣୀ।

ଆଜିର ବିଷୟ ବି ମୋ ଗବେଷକ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ଥିର ହୋଇଛି। ଗଛଲତା ଆଉ ଜୀବଜନ୍ତୁଙ୍କ ବିସ୍ଥାପନ। ବିଷୟଟି ଟିକେ ଅଡୁଆ ଲାଗିପାରେ, କିନ୍ତୁ ଆଜିର ପରିପ୍ରେକ୍ଷୀରେ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ବର୍ତ୍ତମାର ପରିସ୍ଥିତି ଲାଗି ରହେ,

ତାହେଲେ ସମସ୍ୟା ବହୁତ ଗୁରୁତର ହେବ। ଶତାବ୍ଦୀର ଶେଷ ବେଳକୁ ଏହି ସମସ୍ୟା ଅନିୟନ୍ତ୍ରିତ ରୂପରେ ସାମନାକୁ ଆସିବ। ବୈଜ୍ଞାନିକମାନେ ଭୌତିକ ପରିସ୍ଥିତିକୁ ଅନୁଧ୍ୟାନ  କରିଛନ୍ତି ଏବଂ ନିଷ୍ପତ୍ତିରେ ପହଞ୍ଚିଛନ୍ତି ଯେ ମେରୁଅଞ୍ଚଳର ବରଫ ତରଳିବା, ସମୁଦ୍ର ଜଳସ୍ତର ବଢ଼ିବା ଏବଂ ଝଡ଼ ବାତ୍ୟା ଭଳି ସମସ୍ୟା ଆହୁରି ଭୟଙ୍କର ହେବ।

ପାଣିପାଗ ସମ୍ବନ୍ଧିତ ପ୍ରସ୍ତୁତ ମଡେଲ ଅଧ୍ୟୟନ କରି ବୈଜ୍ଞାନିକମାନେ ମତ ଦେଇଛନ୍ତି ଯେ ମରୁଭୂମି ଆଉ ଶୁଷ୍କ ଅଞ୍ଚଳର ସମସ୍ୟା ବଢ଼ିବ । ପରିବର୍ତ୍ତିତ ପରିସ୍ଥିତି ଯୋଗୁ ଜୀବଜନ୍ତୁ ଆଉ ଗଛଲତା ବଞ୍ଚି ରହିବା ପାଇଁ ନୂଆ ଜାଗା ଖୋଜିବେ। ଏହାର ସବୁଠାରୁ ଭଲ ଉଦାହରଣ ହେଉଛି କାନାଡ଼ାରେ ମିଳୁଥିବା ଲିଙ୍କ୍ସ। ତାପମାତ୍ରା ୨.୫ ଡିଗ୍ରୀରୁ ୪.୫ ଡିଗ୍ରୀ ବଢ଼ିଗଲେ ବି ସେମାନେ ଯେଉଁ ଠେକୁଆ ଉପରେ ନିର୍ଭର କରନ୍ତୁ ସେମାନେ ତାଙ୍କ ମୂଳ ସ୍ଥାନରୁ ଉତ୍ତର ଦିଗକୁ ଆର୍ଟିକ ଆଡକୁ ଚାଲିଯିବେ। ଫଳରେ ଲିଙ୍କ୍ସର ଉତ୍ତର ଆଡ଼କୁ ବିସ୍ଥାପନ।

ଆଉ ଗୋଟିଏ ଗବେଷଣାରୁ ଜଣାଯାଇଛି ଯେ ବର୍ଷା କମ୍ ହେବାରୁ ଗଛଲତାର ସବୁଜିମା କମିଯିବ ଏବଂ ତୃଣଭୂମିର ପରିସୀମା ବଢ଼ିଯିବ। ଏହା ଦ୍ୱାରା ବି ଗୁରୁତର ସମସ୍ୟା ସୃଷ୍ଟି ହୋଇପାରେ।

ପକ୍ଷୀ ଆହୁରି ଉପର ଅଞ୍ଚଳକୁ ଚାଲିଯିବେ, କିନ୍ତୁ ପ୍ରଜାପତି ଆଉ ଚିଡ୍ ଗଛ ତଳଆଡ଼କୁ ଯିବା ଦେଖାଯାଉଛି।

ନେହା:ପ୍ରଫେସର କୃଷ୍ଣ, ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି । ପ୍ରତି ଗଛଲତା ବା ଜୀବଜନ୍ତୁ ପ୍ରତିକୂଳ ପରିସ୍ଥିତିକୀରେ ହିଁ  ବଢ଼ନ୍ତି। କୌଣସି ଅଞ୍ଚଳର ଜଳବାୟୁ ପରିବର୍ତ୍ତନ ହେଲେ ସେଠି ଦେଖାଯାଉଥିବା ପ୍ରଜାତିର ସ୍ୱରୂପକୁ ବି ବଦଳାଇଦିଏ। ଯଦି ଏହିଭଳି ପରିସ୍ଥିତି ଲାଗି ରହେ, ତେବେ ଭବିଷ୍ୟତରେ କ'ଣ ହେବ?

କୃଷ୍ଣ: ନେହା, ପୃଥିବୀ ଯେତେ ଯେତେ ଗରମ ହେବ , ଥଣ୍ଡା ଅଞ୍ଚଳରେ ରହୁଥିବା ପ୍ରଜାତି ପାହାଡ଼ ଆଡ଼କୁ ତଥା ଆର୍ଟିକ ଅଞ୍ଚଳ ଆଡ଼କୁ ବିସ୍ଥାପିତ ହେବେ। ଯଦି ପୃଥିବୀ ଏହିଭଳି ଗରମ ହେବାକୁ ଲାଗେ, ତେବେ ଆସନ୍ତା ୧୦୦ ବର୍ଷ ଭିତରେ ଚାରି ଭାଗରୁ ଭାଗେ ଗଛଲତା ଆଉ ଜୀବଜନ୍ତୁଙ୍କ ପ୍ରଜାତ ବିଲୁପ୍ତ ହୋଇଯିବେ। ଗୋଟିଏ ଅଧ୍ୟୟନରୁ ଜଣାଯାଇଛି ଯେ ଗତ ଦୁଇ ଦଶକରେ ୟୁରୋପରେ ଦେଖାଯାଉଥିବା ପକ୍ଷୀ ଆଉ ପ୍ରଜାପତିଙ୍କ ପ୍ରଜାତି ୩୭ରୁ ୧୧୪ କିଲୋମିଟ ଉତ୍ତର ଆଡ଼କୁ ଚାଲିଗଲେଣି।

ରାମ: ସାର୍... ସାର୍। ମୁଁ ଏ ବିଷୟରେ ବେଶୀ କିଛି ଜାଣିନାହିଁ। ଏମାନଙ୍କର ଆମ ଜୀବନ ସହ କି ସମ୍ପର୍କ?

ନରେଶ: ପ୍ରଫେସର, ମୁଁ କହୁଛି। ଏ ହେଉଛି ଜମୁରା ମାଷ୍ଟର (ହସି ହସି) ମହେଶ ସାଙ୍ଗରେ ସହାୟକ କାମ କରେ। ଏହାର ନାଁ ରାମ।

କୃଷ୍ଣ: ରାମ, ତମ ପ୍ରଶ୍ନ ପାଇଁ ମୁଁ ତମକୁ ପ୍ରଶଂସା କରୁଛି। ଏହାକୁ ଆମେ ମଣିଷ ପ୍ରକୃତି ସହ ଯୋଡ଼ି ଦେଖିପାରିବା। ଭୌତିକ ବାଧା, ଉଚ୍ଚ ପର୍ବତ, ଘନ ଜନବସତି ଅଞ୍ଚଳକୁ ବି ଧ୍ୟାନରେ ରଖିବା ଦରକାର। ହିମାଳୟ ଏହାର ଭଲ ଉଦାହରଣ। ଖରାଦିନେ ଯେମିତି ଆମେ ଥଣ୍ଡା ଅଞ୍ଚଳ ବା ପର୍ବତ ଆଡ଼କୁ ଯିବାକୁ ଭଲପାଏ। ଠିକ ସେହିଭଳି କଥା ଜୀବଜନ୍ତୁ ଆଉ ଗଛଲତା ପାଇଁ ବି ପ୍ରଯୁଜ୍ୟ।

ମହେଶ: ସାର୍, ମୋ ନାଁ ମହେଶ। ଆମେ ସମସ୍ତେ ଜାଣିଛେ ଯେ ଏହା ଗୋଟିଏ ଗୁରୁତର ସମସ୍ୟା। ଆଉ ଏହା ଆମ ମୁଣ୍ଡ ଉପରେ ଝୁଲୁଛି। ଆମ ନେତା ଆଉ ନୀତି ନିର୍ଦ୍ଧାରକମାନେ ଏ ବିଷୟରେ ସଚେତନ ନୁହନ୍ତି। କିନ୍ତୁ ଏହାକୁ କେମିତି ସାମନା କରିବା?

କୃଷ୍ଣ: ମହେଶ, ତମେ ଯେତେବେଳେ ତମ ଯାଦୁ ଦେଖାଅ , ସାଧାରଣ ଲୋକଙ୍କ

ସ୍ତରକୁ ଯାଇ ତାଙ୍କ ଭାଷାରେ ତମ କଥା କୁହ । ଯେଉଁଭଳି ଗଛଲତା ଆଉ ଜୀବଜନ୍ତୁ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ନିଜକୁ ଖାପ ଖୁଆଇ ନିଅନ୍ତି , ସେହିଭଳି ମଣିଷକୁ ବି ପରିସ୍ଥିତିକୀ ପ୍ରଣାଳୀ ଅନୁସାରେ ନିଜକୁ ବଦଳାଇବାକୁ ହେବ। ଜୀବଜନ୍ତୁ ଆଉ ଗଛଲତାର ପରିସ୍ଥିତିର ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବା।

ପ୍ରବାଳ ଦ୍ୱୀପ ଏହାର ଭଲ ଉଦାହରଣ। ମଲା ଛୋଟ ଜୀବଙ୍କ କଙ୍କାଳରୁ ପ୍ରବାଳ ପ୍ରାଚେରୀ ତିଆରି ହୁଏ। ସମୁଦ୍ର ପାଣି ଗରମ ହେବା ଆଉ ବ୍ଲିଚିଂ କାରଣରୁ ଧୀରେ ଧୀରେ ଏସବୁ ମରିଯାଉଛି। ଯଦି ଏହିଭଳି ପରିସ୍ଥିତି ଲାଗିରହେ , ତାହେଲେ ଆସନ୍ତା ୫୦ ବର୍ଷରେ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ପ୍ରବାଳ ବିଲୁପ୍ତ ହୋଇଯିବ। ଏମାନଙ୍କ ସୁରକ୍ଷା ପାଇଁ ଆମକୁ ଆଗେଇ ଆସିବାକୁ ହେବ।

ନରେଶ: ପ୍ରଫେସର, ମୁଁ ଏହିଭଳି ଏକ ଗବେଷଣା ମଡେଲ ଅଧ୍ୟୟନ କରିଛି । ଏଥିରେ କୁହାଯାଇଛି ଯେ ହଜାର ହଜାର ପ୍ରାଣୀ ଆଉ ଗଛଲତାଙ୍କ ପ୍ରଜାତି ବିସ୍ଥାପିତ ହେଉଛନ୍ତି।

କୃଷ୍ଣ: ନରେଶ, ୪୦୦୦ ପ୍ରଜାତିଙ୍କୁ ଅଧ୍ୟୟନ କରି ଦେଖାଯାଇଛି ଯେ ଅଧା ପ୍ରଜାତି ବିସ୍ଥାପିତ ହେଉଛନ୍ତି। ମାଟି ଉପରେ ଏମାନଙ୍କ ବିସ୍ଥାପନର ଗତି ୧୦ କିଲୋମିଟର ଯାଏଁ ଦେଖାଯାଇଛି। କିନ୍ତୁ ସମୁଦ୍ରରେ ଏହି ଗତି ଚାରିଗୁଣ ଅଧିକ।

ଅଧ୍ୟକ୍ଷ: ପ୍ରଫେସର କୃଷ୍ଣ, ଆପଣଙ୍କ ଗବେଷଣା କାମ ଜୀବଜନ୍ତୁଙ୍କ ଉପରେ ବିଶ୍ୱ ଉଷ୍ମାୟନର ପ୍ରଭାବ ଉପରେ ଆଧାରିତ । ଏହି ପ୍ରଭାବ କ'ଣ ସେମାନଙ୍କର ଜୈବିକ ଚକ୍ର ବା ବାୟୋଲଜିକାଲ ସାଇକ୍ଲ ଉପରେ ବି ପଡ଼େ?

କୃଷ୍ଣ: ଧନ୍ୟବାଦ ଅଧ୍ୟକ୍ଷ ମହାଶୟ। କଲେଜରେ, ଏବଂ ଅନ୍ୟ ଅନେକ ଜାଗାରେ ମୁଁ ମୋ ଗବେଷଣା କାମ ଉପସ୍ଥାପିତ କରିଛି। ମୋ ଗବେଷଣାରୁ ଜଣାଯାଇଛି ଯେ

ଜୈବିକ ଘଡ଼ିରେ ପରିବର୍ତ୍ତନ ଆସୁଛି। ଦେଖାଯାଇଛି ଯେ ଗୋଟିଏ ଦଶକ ଭିତରେ ବେଙ୍ଗଙ୍କର ଜନନ ଚକ୍ର ଆଠଦିନ ଘୁଞ୍ଚିଯାଇଛି। ପକ୍ଷୀ ଆଉ ପ୍ରଜାପତି କ୍ଷେତ୍ରରେ ଏହି ପରିବର୍ତ୍ତନ ଚାରିଦିନ। ଗଛଲତାରେ ବି ଫୁଲ ଆସିବା ଫଳ ଧରିବାର  ସମୟ ଚକ୍ର ବଦଳି ଯାଉଛି।

ମହେଶ:  ପ୍ରଫେସର ଆଜ୍ଞା, ବିସ୍ଥାପନର କ'ଣ କିଛି ଗୁରୁତର ପରିଣାମ ଆସିବ?

କୃଷ୍ଣ: ଜଳବାୟୁ ପରିବର୍ତ୍ତନ ଯୋଗୁ ମରୁଡ଼ି ପଡୁଛି, ବନ୍ୟା ଆସୁଛି, ତାପମାତ୍ରା ବଦଳୁଛି। ପରିଣାମ ଜୀବଜନ୍ତୁଙ୍କ ବିସ୍ଥାପନ... ଆମେ ଆରମ ଆଲୋଚନା ଏଇଠି ବନ୍ଦ କରିବା। ତା ଆଗରୁ ନରେଶ ସମସ୍ୟାରୁ ସାମନା କରିବାର କିଛି ବିଷୟ ଉପରେ ଆଲୋକପାତ କରିବେ।

ନରେଶ: ଧନ୍ୟବାଦ ପ୍ରଫେସର କୃଷ୍ଣ। ବିଭିନ୍ନ ଗବେଷଣାରୁ ଅନେକ ପ୍ରସ୍ତାବ ଆସିଛି। ସବା ପ୍ରଥମେ ଆମକୁ ସମସ୍ୟାର ମୂଳକୁ ଯିବାକୁ ହେବ। ବିସ୍ଥାପନର ସମସ୍ୟା କେତେ ଗୁରୁତର ତାହା ବି ଜାଣିବାକୁ ହେବ। ଯେଉଁ ଶରଣାର୍ଥୀ ବିସ୍ଥାପିତ ହୋଇ ଆସିଛନ୍ତି, ସେମାନଙ୍କୁ ସ୍ଥାପିତ କରିବା ଏବଂ ଶରଣ ଦେବା ବି ଜରୁରୀ। ଆମକୁ ଆମ ପରିବେଶ ଆଉ ଜଙ୍ଗର ପ୍ରତି ଧ୍ୟାନ ରଖି ଅଲଗା ଭାବରେ ଆର୍ଥିକ ବ୍ୟବସ୍ଥା କରିବାକୁ ହେବ।

କୃଷ୍ଣ: ଧନ୍ୟବାଦ ନରେଶ। ମୁଁ ହୃଦୟର ସହିତ ଆପଣଙ୍କୁ ଧନ୍ୟବାଦ ଦେଉଛି। ଆପଣମାନେ ଧୈର୍ଯ୍ୟର ସହ ଆମର ଏହି ଆଲୋଚନା ଶୁଣିଲେ ଏବଂ ସକ୍ରିୟ ଭାଗ ନେଲେ।

ନେହା:ପ୍ରଫେସର କୃଷ୍ଣ, ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ। ମୁଁ ଅଧ୍ୟକ୍ଷ ଆଉ ଡିନ୍ ସାର୍‌ଙ୍କୁ ବି ଧନ୍ୟବାଦ ଦେଉଛି, ଯେଉଁମାନଙ୍କ ଯୋଗୁ ଆମର ଏଇ ଖୋଲାମଞ୍ଚ କାର୍ଯ୍ୟକ୍ରମ ସଫଳ ହୋଇପାରିଲା। ମହେଶ ଭାଇ ଆଉ ରାମଙ୍କୁ ବି ଅନେକ

ଅନେକ ଧନ୍ୟବାଦ। ସେମାନେ ତାଙ୍କ ଯାଦୁ ଖେଳ ଓ ନାଟକ ମାଧ୍ୟମରେ ଏହି କଥାର ପ୍ରଚାର ପ୍ରସାର ଦିଗରେ ମୁଖ୍ୟ ଭୂମିକା ନେଇପାରିବେ।

ଶେଷରେ ଆପଣମାନଙ୍କୁ ସାମାନ୍ୟ ଜଳପାନ ପାଇଁ ନିମନ୍ତ୍ରଣ । ବାହାରେ ଗ୍ୟାଲେରୀରେ ବ୍ୟବସ୍ଥା କରାଯାଇଛି। ସେଠି ମଧ୍ୟ ଆପଣ ନିଜ ନିଜ ଭିତରେ ଆଲୋଚନା କରିପାରିବେ। ଧନ୍ୟବାଦ... ନମସ୍କାର